ପି. ରବିନ୍ଦ୍ରନ ଏବଂ ଅନ୍ୟମାନେ

ବନାମ

ପଣ୍ଡିଚେରୀ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ଅନ୍ୟମାନେ

ଅକ୍ଟୋବର 1, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ ]

*ସେବା ଆଇନ :*

*କାମ ଚଳା ନିଯୁକ୍ତି – କେନ୍ଦ୍ର ଶାସିତ ଅଞ୍ଚଳ ପଣ୍ଡିଚେରୀରେ କାମ ଚଳା ଭିତ୍ତିରେ ଅଧ୍ୟାପକ ନିଯୁକ୍ତ ହୋଇଥିଲେ – ନିୟମିତ ନିଯୁକ୍ତି ସମୟରେ ଲୋକସେବା ଆୟୋଗଙ୍କ ସମ୍ମୁଖରେ ହାଜର ହୋଇଥିଲେ – ଚୟନ ହୋଇନଥିଲେ – ପରବର୍ତ୍ତୀ ସମୟରେ ସେମାନେ ନିୟମିତକରଣ ଦାବି କରି ପ୍ରଶାସନିକ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆବେଦନ ଦାଖଲ କରିଥିଲେ – ନ୍ୟାୟାଧିକରଣ  ଏହି ପର୍ଯ୍ୟବେକ୍ଷଣ କରି ଦାବି ଖାରଜ କରିଥିଲେ ଯେ, ଯେହେତୁ ଆୟୋଗ ମାଧ୍ୟମରେ ଖୋଲା ବଜାରରୁ ନିଯୁକ୍ତି ଦ୍ୱାରା ପଦବୀ ପୂରଣ କରାଯିବା ଆବଶ୍ୟକ ଥିଲା, ଆବେଦନକାରୀଙ୍କ ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଜାରି କରିବାର ଏହାର କୌଣସି କ୍ଷମତା ନାହିଁ – ଦର୍ଶାଯାଇଛି, ନ୍ୟାୟାଧିକରଣ ସଠିକ ଭାବରେ ଏହି ଦାବି ପ୍ରତ୍ୟାଖ୍ୟାନ କରିଥିଲେ – ଖୋଲା ବଜାରରୁ ଆବେଦନ ଆହ୍ୱାନ କରି ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାକୁ ଆୟୋଗଙ୍କୁ ସାମ୍ବିଧାନିକ କର୍ତ୍ତବ୍ୟ ନ୍ୟସ୍ତ କରାଯାଇଥିବାରୁ, ପ୍ରତ୍ୟେକ ପ୍ରାର୍ଥୀଙ୍କ ବିଚାର ହେବା ଏବଂ ଖୋଲା ପ୍ରତିଯୋଗିତା ମାଧ୍ୟମରେ ଚୟନ ପାଇଁ ମୌଳିକ ଅଧିକାର ରହିଛି – କାମ ଚଳା ବ୍ୟକ୍ତିଙ୍କ ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଜାରି କରି ସମ୍ବିଧାନ ଅନୁଯାୟୀ ପରିକଳ୍ପିତ ଆୟୋଗ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।*

*ଜେ ଏବଂ କେ ଲୋକ ସେବା ଆୟୋଗ ଏବଂ ଅନ୍ୟମାନେ ବନାମ ଡଃ. ନରିନ୍ଦର ମୋହନ ଏବଂ ଅନ୍ୟମାନେ,* **[1994] SCC ( L &S) 723, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 20933-36/1996 ।

ଓ. ଏ. ସଂଖ୍ୟା 290, 292-93 ଏବଂ 782/1995 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସର 20.2.96 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ କେ. ଏମ୍. କେ. ନାୟାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।

ସ୍ୱତନ୍ତ୍ର ଅନୁମତି ଆବେଦନ ଓଏ ସଂଖ୍ୟା 290/95 ଏବଂ ସମୂହରେ ପ୍ରଶାସନିକ ନ୍ୟାୟାଧିକରଣଙ୍କ 20 ଫେବୃଆରୀ, 1996 ତାରିଖର ଆଦେଶରୁ ଉତ୍ପନ୍ନ ହୋଇଛି । ଆବେଦନକାରୀମାନଙ୍କୁ କାମଚଳା ଭିତ୍ତିରେ ଅଧ୍ୟାପକ ଭାବରେ ନିଯୁକ୍ତ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ କେତେକ ଏମ୍. ଫିଲ୍, ପି. ଏଚ୍. ଡି. ମଧ୍ୟ ହାସଲ କରିଥିଲେ । ଯେତେବେଳେ ଲୋକ ସେବା ଆୟୋଗ (ସଂକ୍ଷେପରେ "ଆୟୋଗ") ମାଧ୍ୟମରେ ନିୟମିତ ନିଯୁକ୍ତି କରାଯାଇଥିଲା, ସେତେବେଳେ ଆବେଦନକାରୀମାନେ ମଧ୍ୟ ଆୟୋଗଙ୍କ ସମ୍ମୁଖରେ ହାଜର ହୋଇଥିଲେ କିନ୍ତୁ ସେମାନଙ୍କୁ ଚୟନ କରାଯାଇ ନଥିଲା । ପରବର୍ତ୍ତୀ ସମୟରେ, ଆବେଦନକାରୀମାନେ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଆବେଦନ ଦାଖଲ କରିଥିଲେ । ଆକ୍ଷେପିତ ଆଦେଶରେ ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ଯେହେତୁ ଆୟୋଗ ମାଧ୍ୟମରେ ଖୋଲା ବଜାରରୁ ନିଯୁକ୍ତି ଦ୍ୱାରା ପଦବୀ ପୂରଣ କରିବା ଆବଶ୍ୟକ, ତେଣୁ ସେବାଗୁଡ଼ିକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଜାରି କରିବାର ନ୍ୟାୟାଧିକରଣଙ୍କ କୌଣସି କ୍ଷମତା ନାହିଁ । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ କେ. ଏମ୍. କେ. ନାୟାର ଯୁକ୍ତି କରିଥିଲେ ଯେ, ଆବେଦନକାରୀମାନେ ସ୍ନାତକୋତ୍ତର, ଏମ୍.ଫିଲ ଏବଂ ପିଏଚ୍. ଡି. କରିଛନ୍ତି ଏବଂ ସେମାନେ ଅତ୍ୟଧିକ ଯୋଗ୍ୟ ଅଟନ୍ତି ଏବଂ 1987 ମସିହାରୁ ଅଧ୍ୟାପକ ଭାବରେ ଅଭିଜ୍ଞତା ହାସଲ କରିଛନ୍ତି । ଯେତେବେଳେ ସେମାନେ ନିଯୁକ୍ତ ହୋଇଥିଲେ, ଅନେକ ସଂଖ୍ୟକ ପଦବୀ ଉପଲବ୍ଧ ଥିଲା । ଯେହେତୁ ସେମାନେ 1987 ମସିହାରୁ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦ୍ୱାରା ନିୟମିତ କରାଯିବା ଆବଶ୍ୟକ । ଯୁକ୍ତିରେ ଆମେ କୌଣସି ଦୃଢ଼ତା ପାଉନାହୁଁ । ସ୍ୱୀକୃତ ସ୍ଥିତି ହେଉଛି ଯେ, ଖୋଲା ବଜାରରୁ ଆବେଦନପତ୍ର ଆହ୍ୱାନ କରି ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ପାଇଁ ଆୟୋଗଙ୍କୁ ସାମ୍ବିଧାନିକ କର୍ତ୍ତବ୍ୟ ନ୍ୟସ୍ତ କରାଯାଇଥିବାରୁ, ପ୍ରତ୍ୟେକ ପ୍ରାର୍ଥୀଙ୍କ ବିଚାର ହେବା ଏବଂ ଖୋଲା ପ୍ରତିଯୋଗିତା ମାଧ୍ୟମରେ ଚୟନ ପାଇଁ ମୌଳିକ ଅଧିକାର ରହିଛି । ଆବେଦନକାରୀଙ୍କ ମଧ୍ୟ ସେହି ଅଧିକାର ରହିଛି । ଏକ ସମୟରେ, ସେମାନେ ସେମାନଙ୍କର ଦାବି ଉପସ୍ଥାପନ କରିଥିଲେ କିନ୍ତୁ ଚୟନ ହୋଇନଥିଲେ । ତେଣୁ, ବେନିୟମ ଉପାୟରେ ପ୍ରବେଶ ଦ୍ୱାରା ସେବାକୁ ଆସିଥିବା କାମଚଳା ବ୍ୟକ୍ତିଙ୍କ ସେବାକୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଜାରି କରି ସମ୍ବିଧାନ ଅନୁଯାୟୀ

ପରିକଳ୍ପିତ ଆୟୋଗ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏହି ନ୍ୟାୟାଳୟ ନିଷ୍ପତ୍ତିର ଶୃଙ୍ଖଳାରେ, ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ଏବଂ ଏହି ଯୋଜନା ଅନୁଯାୟୀ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀର ସେବାକୁ ନିୟମିତ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇ ଅସାଧାରଣ ମାମଲାଗୁଡ଼ିକ ବ୍ୟତୀତ, ନିୟମିତକରଣର ଏହି ପ୍ରଥାକୁ ନିନ୍ଦା କରିଛନ୍ତି । ଏପରିକି ପରବର୍ତ୍ତୀ ନିଷ୍ପତ୍ତିରେ ମଧ୍ୟ ସେହି ଉଦ୍ଦେଶ୍ୟସାଧନର ଉପାୟ ଉପରେ ଗୁରୁତ୍ୱ ଦିଆଯାଇନାହିଁ । *ଜେ ଏବଂ କେ ଲୋକ ସେବା ଆୟୋଗ ଏବଂ ଅନ୍ୟମାନେ ବନାମ ଡଃ ନରିନ୍ଦର ମୋହନ ଏବଂ ଅନ୍ୟମାନେ,* [1994] SCC ( L &S) 723 ମାମଲାରେ ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ସମ୍ବିଧାନ ଅନୁଯାୟୀ ପରିକଳ୍ପିତ ଚୟନ ପ୍ରକ୍ରିୟାକୁ ଅଣଦେଖା କରି ସେବାକୁ ନିୟମିତ କରିବା ପାଇଁ ନ୍ୟାୟାଳୟ ସଂଯୁକ୍ତ ପ୍ରକ୍ରିୟା ଗ୍ରହଣ କରିପାରିବେ ନାହିଁ । ସମ୍ବିଧାନର ଅନୁଚ୍ଛେଦ 320 ଅନୁଯାୟୀ କ୍ଷମତା ପ୍ରୟୋଗ କରି ଆୟୋଗଙ୍କ ପରିସରରୁ ପଦବୀଗୁଡ଼ିକୁ ହଟାଇବା ପାଇଁ ଏବଂ ଆୟୋଗଙ୍କ ପରିସର ବାହାରେ ସେବାକୁ ନିୟମିତ କରିବା ପାଇଁ ଏହି ନ୍ୟାୟାଳୟ ସରକାରଙ୍କୁ ନିନ୍ଦା କରିଛନ୍ତି । ସେହି ପରିସ୍ଥିତିରେ, ଆମର ମତ ହେଉଛି ଯେ, ନ୍ୟାୟାଧିକରଣଙ୍କୁ ଅନୁରୋଧ କରାଯାଇଥିବା ପ୍ରତିକାର ମଞ୍ଜୁର କରିବାର ଦାବି ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ।

ପରବର୍ତ୍ତୀ ନିଯୁକ୍ତି ତାରିଖ ପର୍ଯ୍ୟନ୍ତ ବୟସ ସୀମାକୁ କୋହଳ କରିବାର ସୁବିଧା ଉପରେ ସ୍ୱତନ୍ତ୍ର ଅନୁମତି ଆବେଦନଗୁଡ଼ିକ ସେହି ଅନୁଯାୟୀ ଖାରଜ କରାଗଲା, ଯାହା ଦ୍ୱାରା ଆବେଦନକାରୀଙ୍କ ମାମଲା ଖୋଲା ପ୍ରାର୍ଥୀଙ୍କ ସହିତ ବିଚାର କରାଯିବ ।

ଆର୍. ପି. ଆବେଦନ ଖାରଜ ହୋଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ